# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26th June - 2024**

**News Editor : *Itishree Singh Rathaur***

************************************

***GNR***

# ଲୋକସଭା ବାଚସ୍ପତି ନିର୍ବାଚନ

ଅଷ୍ଟାଦଶ ଲୋକସଭାର ବାଚସ୍ପତି ପଦ ନିମନ୍ତେ ଆଜି ନିର୍ବାଚନ ଅନୁଷ୍ଠିତ ହେବ । ଏନ୍.ଡି.ଏ.ର ପ୍ରାର୍ଥୀ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ ବି.ଜେ.ପି. ସାଂସଦ ଓମ୍ ବିର୍ଲା ଏବଂ ଇଣ୍ଡି ମେଣ୍ଟର ପ୍ରାର୍ଥୀ କଂଗ୍ରେସର କେ. ସୁରେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଦୁଇଜଣଯାକ ପ୍ରାର୍ଥୀ ଗତକାଲି ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ଲୋକସଭା ବାଚସ୍ପତି ପଦବୀ ପୂରଣ ସର୍ବସମ୍ମତିକ୍ରମେ ହେବା ଉଚିତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗତକାଲି ଶ୍ରୀ ରିଜିଜୁ କହିଛନ୍ତି, ସ୍ୱାଧୀନତା ପରଠାରୁ ଏହି ପଦବୀ ସର୍ବସମ୍ମତିକ୍ରମେ ପୂରଣ ହୋଇଆସୁଛି । ଭାରତୀୟ ଗଣତନ୍ତ୍ରର ଏହି ମହାନ୍ ପରମ୍ପରାକୁ ବଜାୟ ରଖିବା ଲକ୍ଷ୍ୟରେ ସରକାର ଚଳିତ ଲୋକସଭାର ବାଚସ୍ପତି ମନୋନୟନ ନେଇ ବିରୋଧୀ ପକ୍ଷଙ୍କ ସହଯୋଗ କାମନା କରିଥିଲେ । ତେବେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଏଥିପାଇଁ ସର୍ତ୍ତ ରଖିବା ସହ ଉପବାଚସ୍ପତି ପଦ ଦାବି କରିଥିଲା ।

ସର୍ବସମ୍ମତ ବାଚସ୍ପତି ନିର୍ବାଚନପାଇଁ କୌଣସି ପ୍ରକାର ସର୍ତ୍ତ ରହିବା ଉଚିତ ନୁହେଁ ଏବଂ ଉପବାଚସ୍ପତି ମନୋନୟପାଇଁ ପୃଥକ୍ ଆଲୋଚନା ସକାଶେ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

***IPR***

# ଟେଲିକମ୍ ବୈଠକ

ରାଜ୍ୟସ୍ତରୀୟ ଷଷ୍ଠ ବ୍ରଡ୍‌ବ୍ୟାଣ୍ଡ୍ କମିଟି ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ ଡି.ଓ.ଟି. ପକ୍ଷରୁ ଜାତୀୟ ବ୍ରଡ୍‌ବ୍ୟାଣ୍ଡ୍ ମିଶନରେ ବାର୍ଷିକ କାର୍ଯ୍ୟକାରିତା ଯୋଜନା ଦାଖଲ କରାଯାଇଥିଲା । ରାଜ୍ୟରେ ଟେଲିକମ୍ ସଂଯୋଗୀକରଣ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହାସହ ମୋବାଇଲ୍ ଟାୱାର ସମ୍ବନ୍ଧୀୟ ଜମି ଆବଣ୍ଟନ ସମସ୍ୟାଗୁଡିକୁ ୧୫ ଦିନ ମଧ୍ୟରେ ସମାଧାନପାଇଁ ସମ୍ପୃକ୍ତ ଅଞ୍ଚଳର ଜିଲ୍ଲାପାଳମାନଙ୍କୁ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ନିର୍ବାଚନ - ଅନୁକମ୍ପା ରାଶି

ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ପ୍ରାଣ ହରାଇଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକଞ୍ଜ

ବିହାରୀ ଧଳ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶିକୁ ଅନୁମୋଦନ କରିଛନ୍ତି । ମୃତ କର୍ମଚାରୀଙ୍କ ପରିବାରଙ୍କୁ ସମବେଦନା ଜଣାଇବା ସହ ଯଥାଶୀଘ୍ର ଅନୁକମ୍ପା ରାଶି ପ୍ରଦାନ କରିବାପାଇଁ ଶ୍ରୀ ଧଳ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Puri/R***

## ରଥଯାତ୍ରା - ସମୀକ୍ଷା ବୈଠକ

ପୁରୀ ଶ୍ରୀକ୍ଷେତ୍ରରେ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଆଜି ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହେବ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ରଥନିର୍ମାଣ, ଆଇନଶୃଙ୍ଖଳା, ନୀତି ନିର୍ଘଣ୍ଟ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ।

ତେବେ ଗତକାଲି ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଅନୁମୋଦନ ମିଳିଛି । ବୈଠକ ପରେ ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ୧୯୭୧ ମସିହା ଅନୁଯାୟୀ ଚଳିତ ବର୍ଷର ରଥଯାତ୍ରା ଅନୁଷ୍ଠିତ ହେବ । ଆସନ୍ତା ୭ ତାରିଖ ଦିନ ପଟ୍ଟଦିଅଁଙ୍କଠାରୁ ଆଜ୍ଞାମାଳ ଯିବା ପରେ ରଥଖଳାରୁ ସିଂହଦ୍ୱାର ନିକଟକୁ ରଥଟଣା ହେବ । ରଥଯାତ୍ରା ପୂର୍ବ ରାତି ୨ଟାରେ ମଙ୍ଗଳ ଆଳତି, ଦଶାବତାର ଠାକୁରବାହୁଡ଼ା ବିଜେ, ଅଣସର ତାଟି ଫିଟା ଏବଂ ଦଇତାପତି ସର୍ବାଙ୍ଗ ହେବ । ରଥଯାତ୍ରା ଦିନ ବିଭିନ୍ନ ନୀତିକାନ୍ତି ପରେ ଦିନ ଅଢ଼େଇଟାରେ

ପହଣ୍ଡି, ତା'ପରେ ଛେରାପହଁରା, ଚାରଫିଟା ଓ ଘୋଡ଼ା ସାରଥି ଲାଗିବ । ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହେବ । ୧୫ ତାରିଖରେ ବାହୁଡ଼ା ଯାତ୍ରା ଓ ୧୭ ତାରିଖରେ ସୁନାବେଶ ଅନୁଷ୍ଠିତ ହେବ ।

ତେବେ ଚଳିତ ବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ନବଯୌବନ ଦର୍ଶନ ଏବଂ ପହଣ୍ଡି ଟିକେଟ୍ ଦର୍ଶନକୁ ବନ୍ଦ କରାଯାଇଛି ।

*Desk*

# +୩ ମେଧା ତାଲିକା

ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ୩ ନାମ ଲେଖା ନିମନ୍ତେ ଗତକାଲି ପ୍ରଥମ ମେଧା ତାଲିକା ପ୍ରକାଶ ପାଇଛି । ପ୍ରଥମ ମେଧା ତାଲିକାରେ ୧ ଲକ୍ଷ ୭୮ ହଜାର ୯୭୬ ଜଣ ମନୋନୀତ ହୋଇଛନ୍ତି । ସୂଚନା ଅନୁସାରେ କଳା, ବିଜ୍ଞାନ ଓ ବାଣିଜ୍ୟ ଆଦି ୩ଟି ବିଭାଗରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ କଟ୍ ଅଫ୍ ମାର୍କ ରହିଛି । ମନୋନୀତ ଛାତ୍ରଛାତ୍ରୀ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇପାରିବେ ।

*Desk*

# ନିଶା ନିବାରଣ ଦିବସ

ବିଶ୍ୱ ନିଶା ନିବାରଣ ଦିବସ ଆଜି ପାଳନ କରାଯାଉଛି । ଡ୍ରଗ୍ସ ଅପବ୍ୟବହାର ଓ ଅବୈଧ କାରବାରକୁ ରୋକିବା ଲାଗି ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୨୬ ତାରିଖରେ ଏହି ଦିବସ ପାଳନ କରାଯାଇ ଆସୁଛି । ସମାଜର ସବୁ ସ୍ତରରେ ଏ ଦିଗରେ ସଚେତନତା ସୃଷ୍ଟି କରିବା ସରକାରୀ ସ୍ତରରେ କାର୍ଯ୍ୟକ୍ରମ ଏବଂ ନୀତି ନିର୍ଦ୍ଧାରଣ ସହିତ ସମାଜର ସବୁ ସ୍ତରରେ ଏଥିଲାଗି ସକ୍ରିୟ ଉଦ୍ୟମ ଜାରି ରହିଲେ ଡ୍ରଗ୍ସ ବିରୋଧରେ ଯୁବ ସମାଜକୁ ସଶକ୍ତ ଓ ସଚେତନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

*Desk*

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି

କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁରରେ ସର୍ବାଧିକ ୪୯ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ।

*****